Dharitri, Bhubaneswar, Sep 07 2012

ଟିସିଏସ୍ ଆଇଟି ୱିକ୍ ବିଜେତା ଘୋଷିତ

ଭୁବନେଶ୍ୱର,୫-୨(ଟ୍ୟୁରୋ)-ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍(ଟିସିଏସ୍) ପକ୍ଷରୁ ବହୁ ଜଣାଶୁଣା ଟିସିଏସ୍ ଆଇଟି ୱିକ୍-2012 ରୁରୁବାର ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଭୁବନେଶ୍ୱର ସଂସ୍କରଣରେ ବିଭିନ୍ନ ସହରରୁ 1300ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସମସ୍ତ ପର୍ଯ୍ୟାୟ ଅତିକ୍ରମ କରି ଫ୍ଲୁଇଟ୍ 8 ଡିଏଭି ପବ୍ଲିକ୍ ସ୍କୁଲର ଆୟୁଷ କୁମାର ସିହ୍ନା ଏବଂ ସମୀର ଶେଖର ପାତ୍ର ବିଜୟ ଟ୍ରଫି ସହ ପ୍ରତ୍ୟେକ ଗୋଟିଏ ଲେଖାଁଏ ଗାଲାକ୍ସି ନୋଟ୍ ପାଇଛନ୍ତି । ଦ୍ୱିତୀୟ ରନ୍ନର୍ସଅପ ଜଲେଜ୍‌ର ଅଭିନୀତ ପଲାଲ ଏବଂ କୁମାର ଶୈଳେଶ ମିଶ୍ର ରନର୍ସ ଅପ୍ ହେବା ସହ ପୁରସ୍କାର ଭାବେ ଟ୍ରଫି ଏବଂ ଗାଲାକ୍ସି ଟ୍ୟାବ୍ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ କମିଶନର ତଥା ସଚିବ ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଟିସିଏସ୍ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ମନୋଜ ପଣ୍ଡା ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଅବସରରେ 6 ଜଣ ଫାଇନାଲିଷ୍ଟଙ୍କୁ ଲାପ୍‌ଟପ୍ ବ୍ୟାକ୍‌ପ୍ୟାକ୍, ପେନ୍ ଡ୍ରାଇଭ୍, କଫି ମଗ୍, ଇୟର୍ ଫୋନ୍, ବାଇନାକୁଲର୍ ଏବଂ ଟିସ୍ୱାର୍ଟ ଆଦି ପୁରସ୍କାରସ୍ୱରୂପ ପ୍ରଦାନ କରାଯାଇଛି । ଏହା ଆନ୍ତର୍ଜାତିକ ରାଉଣ୍ଡ ହୋଇଥିବାବେଳେ ଆସନ୍ତା ଡିସେମ୍ବରରେ ଜାତୀୟସ୍ତରୀୟ ତୃତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଏଥିରେ 14ଟି ସହରରୁ ବିଜେତା ଟିମ୍‌ମାନେ ଭାଗ ନେବେ । ବିଜେତାଙ୍କୁ ଟିସିଏସ୍‌ର ସିଇଓ ଏନ୍. ଚନ୍ଦ୍ରଶେଖରନ୍‌ଙ୍କ ସହ ଭେଟିବାକୁ ସୁଯୋଗ ମିଳିବ ।